# ଓଡ଼ିଶା ଉଚ୍ଚ ନ୍ୟାୟାଳୟ,କଟକ

**<u>ଡବ୍ଲ୍ୟୁ.ପି. (ସି) ସଂଖ୍ୟା 23169/2023</u>**

(ଭାରତର ସମ୍ବିଧାନ, 1950ର ଧାରା 226 ଏବଂ 227 ଅନୁଯାୟୀ, ଏକ ଆବେଦନ ପ୍ରସଙ୍ଗରେ)

*ମୀନା କୁମାରୀ ଓରଫ ମୀନା କୁମାରୀ ରାଉତ .... ଆବେଦନକାରୀ(ମାନେ)*

*-ବନାମ -*

*ଓଡ଼ିଶା ରାଜ୍ୟ ଏବଂ ଅନ୍ୟମାନେ .... ପ୍ରତିପକ୍ଷମାନେ*

ସଂଯୁକ୍ତ ପ୍ରଣାଳୀ ମାଧ୍ୟମରେ ଏହି ମାମଲାରେ ହାଜର ହୋଇଥିବା ଅଧିବକ୍ତା ମାନେ:

*ଆବେଦନକାରୀଙ୍କ ପାଇଁ : ସୁଶ୍ରୀ ସୁସ୍ମିତା ପଟ୍ଟନାୟକ, ଅଧିବକ୍ତା*

*ପ୍ରତିପକ୍ଷମାନଙ୍କ ପାଇଁ : ଶ୍ରୀଯୁକ୍ତ ଡି. ମୁଣ୍ଡ , ଏଜିଏ*

**ପୀଠାସୀନ:**

**ଡ. ଏସ୍. କେ. ପାଣିଗ୍ରାହୀ, ନ୍ୟାୟମୂର୍ତ୍ତି**

<u>ଶୁଣାଣି ତାରିଖ: -11.10.2023</u>

<u>ବିଚାର ତାରିଖ: -18.10.2023</u>

***<u>ଡ. ଏସ୍. କେ. ପାଣିଗ୍ରାହୀ, ନ୍ୟାୟମୂର୍ତ୍ତି</u>***

1. ଏହି ରିଟ୍ ଆବେଦନ ମାଧ୍ୟମରେ ଆବେଦନକାରୀ ତା.10.10.2023ରିଖରେ ଅବସର ବୟସ ହାସଲ କରିବା ପରେ ସେବାରୁ ଅବସର ନେବା ସମ୍ବନ୍ଧୀୟ ତା.27.12.2022ରିଖର ଆଦେଶକୁ ଆପତ୍ତି କରିଛନ୍ତି ।

**I. ମାମଲାଟିର ତଥ୍ୟମୂଳକ ଛାଞ୍ଚ:**

2. ଆବେଦନକାରୀ ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଭଣ୍ଡାରୀପୋଖରୀ ବ୍ଲକର ବାଡ଼ବସ୍ତା ୟୁଜିଏମ୍ଇ ସ୍କୁଲରେ କାମଚଳା ଆଧାରରେ ତା.15.07.2002ରିଖରୁ "ସ୍ୱେଚ୍ଛାସେବୀ ଶିକ୍ଷା

ସହାୟକ" ଭାବେ ସେବାରେ ଯୋଗ ଦେଇଥିଲେ । ଦୀର୍ଘ ୫ ବର୍ଷର ସେବା ପରେ, ଆବେଦନକାରୀଙ୍କୁ ତା.15.02.2010ରିଖର ଚିଠି ସଂଖ୍ୟା 47/ZP ମାଧ୍ୟମରେ ତା.17.07.2009ରିଖଠାରୁ ନିୟମିତ କରାଯାଇଥିଲା ।

3. ଏଠାରେ/ସେବା ପୁସ୍ତକରେ ଜନ୍ମ ତାରିଖ "ତା.10.10.1965ରିଖ" ପରିବର୍ତ୍ତେ "ତା.10.10.1963ରିଖ" ବୋଲି ଭୁଲ ଭାବରେ ଦରଜ କରାଯାଇଥିଲା । ତେଣୁ, ସେବା ଅବଧିକୁ ପ୍ରତିପକ୍ଷମାନଙ୍କ ଦ୍ୱାରା ତା.10.10.1965ରିଖ ପରିବର୍ତ୍ତେ ତା.10.10.1963ରିଖ ରୁ ଗଣନା କରାଯାଇଥିଲା । ଭୁଲ ଦରଜକୁ ଦାୟୀ କରି, ଆବେଦନକାରୀ ଜନ୍ମ ତାରିଖ ସଂଶୋଧନ ପାଇଁ ତା.10.07.2012ରିଖ, ତା.23.07.2013ରିଖ, ତା.17.06.2014ରିଖ, ତା.16.05.2015ରିଖ, ତା.13.07.2016ରିଖ ଏବଂ ତା.08.09.2016ରିଖ ମାନଙ୍କରେ, ବି.ଇ.ଓ., ଭଣ୍ଡାରିପୋଖରୀଙ୍କୁ ଛଅଟି ନିବେଦନ ଦରଖାସ୍ତ ପଠାଇଥିଲେ । ତେବେ ଆଜି ପର୍ଯ୍ୟନ୍ତ ପ୍ରତିପକ୍ଷମାନଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ।

HIGH COURT ORISSA सत्यमेव जयते

4. ବୟସ ପ୍ରମାଣ ଦର୍ଶାଇଥିବା କେତେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଯେପରିକି, ଡି.ଏମ୍. ମଦନ ବାଳିକା ଉଚ୍ଚ ବିଦ୍ୟାଳୟ, ଜାମସେଦପୁର, ବିହାରର ବିଦ୍ୟାଳୟ ଅଭିଲେଖ ବହି, ବିହାର ବିଦ୍ୟାଳୟ ପରୀକ୍ଷା ସମିତିର ମାଟ୍ରିକ ପ୍ରମାଣପତ୍ର, ଓଡ଼ିଶା ଶିକ୍ଷକ ପ୍ରମାଣପତ୍ର ପରୀକ୍ଷାର ମାର୍କସିଟ୍, ପ୍ୟାନ୍ କାର୍ଡ ଏବଂ ଆଧାର କାର୍ଡ, ବୟସ ପ୍ରମାଣ ପାଇଁ ସହାୟକ ଦସ୍ତାବିଜ ଭାବରେ ଦାଖଲ କରାଯାଇଛି ।

5. ଆବେଦନକାରୀଙ୍କ ଜନ୍ମ ତାରିଖର ଯଥାର୍ଥ ଯାଞ୍ଚ ପରେ, ବିହାର ବିଦ୍ୟାଳୟ ପରୀକ୍ଷା ମଣ୍ଡଳର ଦୁର୍ନୀତି ନିବାରଣ ଅଧିକାରୀ ଜନ୍ମ ତାରିଖ ତା.10.10.1965ରିଖ ବୋଲି ଯାଞ୍ଚ କରି, ଓଡ଼ିଶାର ଭଦ୍ରକ ଭଣ୍ଡାରପୋଖାରୀର ବି.ଇ.ଓ.ଙ୍କୁ ତା.10.08.2022ରିଖର ଚିଠି

ସଂଖ୍ୟା 7728 ବିଶିଷ୍ଟ ଏକ ଚିଠି ମାଧ୍ୟମରେ ସୂଚନା ଦେଇଥିଲେ । ସେବା ବହିରେ ଡିଓବିର ଭୁଲ ଦରଜ ଉପରେ ନିର୍ଭର କରି, ତା.27.12.2022ରିଖର ଆଦେଶ ସଂଖ୍ୟା 3147 ଅନୁଯାୟୀ, ଆବେଦନକାରୀ ତା.10.10.2023ରିଖରେ ଅବସର ନେବାକୁ ଯାଉଛନ୍ତି ।

6. ଆବେଦନକାରୀ ଡବ୍ଲ୍ୟୁ.ପି.(ସି) ସଂଖ୍ୟା 15640/2023 ମାଧ୍ୟମରେ ସେବା ପୁସ୍ତକରେ ଡିଓବି(ଜନ୍ମ ତାରିଖ)ର ସଂଶୋଧନ ପାଇଁ ଏହି ନ୍ୟାୟାଳୟ ଆସିଥିଲେ ଏବଂ ଜନ୍ମ ତାରିଖ ପ୍ରସଙ୍ଗରେ ବିଧି ସମ୍ମତ ନିର୍ଣ୍ଣୟ ନେବା ପାଇଁ ଏହି ନ୍ୟାୟାଳୟ ପ୍ରତିପକ୍ଷ ସଂଖ୍ୟା-4ଙ୍କ ସମ୍ମୁଖରେ 7ଦିନ ମଧ୍ୟରେ ଏକ ନିବେଦନ ଦାଖଲ କରିବାକୁ ଆଦେଶ ପାରିତ କରିଥିଲେ ।

7. ଆବେଦନ ଗ୍ରହଣ କରିବା ପରେ, ଆବେଦନକାରୀ ସେବା ପୁସ୍ତକ ଖୋଲିବାର 5 ବର୍ଷ ମଧ୍ୟରେ କର୍ତ୍ତୃପକ୍ଷଙ୍କ ନିକଟକୁ ଅନୁରୋଧ କରା ଯାଇନଥିବା ଆଧାରରେ, ବି.ଇ.ଓ. ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ । ପରନ୍ତୁ, ଆବେଦନକାରୀ ନିର୍ଦ୍ଧାରିତ ସମୟ ମଧ୍ୟରେ, ତା.10.07.2012ରିଖରେ ଏହି କିରାଣୀୟ ତ୍ରୁଟିର ସଂଶୋଧନ ପାଇଁ, ବି.ଇ.ଓ., ଭଣ୍ଡାରିପୋଖରୀଙ୍କୁ ଏକ ନିବେଦନ ଦାଖଲ କରିଥିଲେ ।

8. ଇତି ମଧ୍ୟରେ, ବି.ଇ.ଓ., ଭଣ୍ଡାରିପୋଖରୀ ତଦନ୍ତ ଆରମ୍ଭ କରିଥିଲେ । ବିହାର ମାଧ୍ୟମିକ ଶିକ୍ଷା ମଣ୍ଡଳକୁ ଆନୁଷ୍ଠାନିକ ଭାବେ ଯୋଗାଯୋଗ କରାଯାଇଥିଲା ଏବଂ ନିୟମ ଅନୁଯାୟୀ ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ସମସ୍ତ ଆବଶ୍ୟକୀୟ ଦେୟ ପ୍ରଦାନ କରାଯାଇଥିଲା । ସମସ୍ତ ଦସ୍ତାବିଜ ଯେପରିକି, ମାଟ୍ରିକୁଲେସନ୍ ପ୍ରମାଣପତ୍ର, ବିଦ୍ୟାଳୟ ପ୍ରବେଶ ଅଭିଲେଖ ବହିର ଉଦ୍ଧୃତାଂଶ, ପାଟନାସ୍ଥିତ ସିହ୍ନା ପୁସ୍ତକାଳୟ ରାସ୍ତାରେ ବିହାର ବିଦ୍ୟାଳୟ ପରୀକ୍ଷା ମଣ୍ଡଳ, ମୁଖ୍ୟ ଭବନରେ ଅବସ୍ଥାପିତ ଦୁର୍ନୀତି ନିବାରଣ ଅଧିକାରୀଙ୍କ ଦ୍ୱାରା ମାଟ୍ରିକୁଲେସନ୍ ପ୍ରମାଣପତ୍ର ଯାଞ୍ଚ କରି ତା.10.08.2022ରିଖରେ ଲିଖିତ ଚିଠି ସଂଖ୍ୟା 7728, ବିଚାର

ତାଙ୍କ ସପକ୍ଷରେ ଯାଇନଥିଲା । ସରକାରୀ ଅନୁସନ୍ଧାନ ଦ୍ୱାରା ପ୍ରାପ୍ତ ସମସ୍ତ କାଗଜପତ୍ର ଅକାଟ୍ୟ ପ୍ରମାଣ ପ୍ରଦର୍ଶନ କରିଥିଲେ, ଯାହା ଦର୍ଶାଉଛି ଯେ ସେବା ପୁସ୍ତକରେ ଲିପିବଦ୍ଧ ଜନ୍ମ ତାରିଖ ସଠିକ ଅଟେ । ଆବେଦନକାରୀ କାର୍ଯ୍ୟରତ ଥିବା କାନ୍ତି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଆବେଦନକାରୀଙ୍କ ପ୍ରକୃତ ଜନ୍ମ ତାରିଖ ସପକ୍ଷରେ ଏକ ଚିଠି ଦେଇଥିଲେ । ଏଥି ଦ୍ୱାରା ଅସନ୍ତୁଷ୍ଟ ହୋଇ ଆବେଦନକାରୀ ଏହି ରିଟ୍ ଆବେଦନ ଦାଖଲ କରିଛନ୍ତି ।

**II. ନ୍ୟାୟାଳୟଙ୍କ ଯୁକ୍ତି ଏବଂ ବିଶ୍ଳେଷଣ:**

9. ଏହି ପରିପ୍ରେକ୍ଷୀରେ, ଜଣେ ସରକାରୀ କର୍ମଚାରୀ, ଚାକିରିରେ ପ୍ରବେଶ କରିବା ପରେ, ରାଜ୍ୟ ଦ୍ୱାରା ସେବା ସର୍ତ୍ତାବଳୀକୁ ନିୟନ୍ତ୍ରଣ କରୁଥିବା ଏହାର କ୍ଷମତା ପ୍ରୟୋଗ କରି ନିର୍ଦ୍ଧାରିତ ଅବସର ବୟସ ପର୍ଯ୍ୟନ୍ତ ଚାକିରିରେ ରହିବାର ଅଧିକାର ହାସଲ କରିଥାଏ, ଅନ୍ୟଥା ସେବାଗୁଡ଼ିକ ଏଥିରେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରିବା ପରେ ପ୍ରାସଙ୍ଗିକ ସେବା ନିୟମରେ ଅନ୍ତର୍ଭୁକ୍ତ ଅନ୍ୟ କୌଣସି କାରଣ ସହିତ ବିକ୍ଷିପ୍ତ ନ ହୋଇଛି । ଜଣେ ସରକାରୀ କର୍ମଚାରୀଙ୍କ ସେବା ନଥିରେ ପ୍ରବେଶ କରାଯାଇଥିବା ଜନ୍ମ ତାରିଖ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ସେବାରେ ରହିବାର ଅଧିକାର ସେବା ନଥିରେ ଏହାର ଦରଜ ଦ୍ୱାରା ସ୍ଥିର ହୋଇଥାଏ । ଜଣେ ସରକାରୀ କର୍ମଚାରୀ ଯିଏ ନିଯୁକ୍ତିର ପ୍ରାରମ୍ଭିକ ପର୍ଯ୍ୟାୟରେ ତାଙ୍କ ବୟସ ଘୋଷଣା କରିଛନ୍ତି, ତାଙ୍କ ବୟସ ସଂଶୋଧନ ପାଇଁ ପରବର୍ତ୍ତୀ ସମୟରେ ଅନୁରୋଧ କରିବାକୁ ଅବଶ୍ୟ, ବାରଣ କରାଯାଇ ନାହିଁ ।

10. ଯଦି ଜଣେ ସରକାରୀ କର୍ମଚାରୀଙ୍କ ପାଖରେ ତାଙ୍କ ଜନ୍ମ ତାରିଖ ସମ୍ବନ୍ଧୀୟ ଅକାଟ୍ୟ ପ୍ରମାଣ ଅଛି, ଯାହା ପୂର୍ବରୁ ନଥିଭୁକ୍ତ ହୋଇଥିବା ଠାରୁ ଭିନ୍ନ, ତେବେ ତାଙ୍କ ଜନ୍ମ ତାରିଖର ସଂଶୋଧନ ଦାବି କରିବା ପାଇଁ ଏହା ଉନ୍ମୁକ୍ତ ଅଛି, ଏବଂ ଯଦିଓ ଜନ୍ମ ତାରିଖ ସଂଶୋଧନ ପାଇଁ କୌଣସି ସୀମା ଧାର୍ଯ୍ୟ କରାଯାଇ ନାହିଁ, ସରକାରୀ କର୍ମଚାରୀ ବିନା କୌଣସି

ଅଯୌକ୍ତିକ ବିଳମ୍ବରେ ଏହା କରିବା ଆବଶ୍ୟକ ଅଟେ । ଜନ୍ମ ତାରିଖ ସଂଶୋଧନ ପାଇଁ ନିୟମରେ କୌଣସି ବ୍ୟବସ୍ଥାର ଅନୁପସ୍ଥିତିରେ, ଗଫଲତି କିମ୍ବା ପୁରୁଣା ଦାବି ଆଧାରରେ ଉପଶମ ପ୍ରତ୍ୟାଖ୍ୟାନ କରିବାର ସାଧାରଣ ନୀତି ସାଧାରଣତଃ ନ୍ୟାୟାଳୟ ଏବଂ ନ୍ୟାୟାଧିକରଣ ଦ୍ୱାରା ପ୍ରୟୋଗ କରାଯାଏ । ତଥାପି, ସେବା ନିୟମରେ ଏକ ସମୟସୀମା ସ୍ଥିର କରିବା ସରକାରଙ୍କ ପାଇଁ ସକ୍ଷମ, ଯାହା ପରେ ଜଣେ ସରକାରୀ କର୍ମଚାରୀଙ୍କ ଜନ୍ମ ତାରିଖ ସଂଶୋଧନ ପାଇଁ କୌଣସି ଆବେଦନ ଗ୍ରହଣ କରାଯାଇପାରିବ ନାହିଁ ।

11. ଜଣେ ସରକାରୀ କର୍ମଚାରୀ ଯିଏ ଏହିପରି ନିର୍ଦ୍ଧାରିତ ସମୟ ପରେ ଜନ୍ମ ତାରିଖ ସଂଶୋଧନ ପାଇଁ ଆବେଦନ କରନ୍ତି, ତେବେ ତାଙ୍କ ଜନ୍ମ ତାରିଖ ସଂଶୋଧନ କରିବାକୁ ଦାବି କରିପାରିବେ ନାହିଁ, ଯଦିଓ ତାଙ୍କ ପାଖରେ ନଥିଭୁକ୍ତ ହୋଇଥିବା ଜନ୍ମ ତାରିଖ ଭୁଲ ବୋଲି ପ୍ରତିଷ୍ଠା କରିବାକୁ ସ୍ପଷ୍ଟ ପ୍ରମାଣ ଅଛି । ସୀମାବଦ୍ଧତାର ଆଇନ କଠୋର ଭାବରେ କାର୍ଯ୍ୟ କରିପାରେ କିନ୍ତୁ ଏହାକୁ ଏହାର ସମସ୍ତ କଠୋରତାର ସହିତ ପ୍ରୟୋଗ କରିବାକୁ ପଡ଼ିବ ଏବଂ ନ୍ୟାୟାଳୟ କିମ୍ବା ନ୍ୟାୟାଧିକରଣମାନେ ସେମାନଙ୍କ ସହାୟତା ପାଇଁ ଆସିପାରିବେ ନାହିଁ ଯେଉଁମାନେ ନିଜ ଅଧିକାର ସାବ୍ୟସ୍ତ କରିବା ବଦଳରେ ଶୋଇ ରହିଛନ୍ତି ଏବଂ ସୀମାବଦ୍ଧତାର ଅବଧି ସମାପ୍ତ ହେବାକୁ ଦେଇଛନ୍ତି । ଯଦି ପରିବର୍ତ୍ତନ ନହୁଏ, ନଥିଭୁକ୍ତ ହୋଇଥିବା ତାଙ୍କ ଜନ୍ମ ତାରିଖ ତାଙ୍କ ଅବସର ଗ୍ରହଣ ତାରିଖ ନିର୍ଦ୍ଧାରଣ କରିବ ଯଦିଓ ଏହା ତାଙ୍କ ପ୍ରକୃତ ବୟସ ଆଧାରରେ ସେବାରେ ରହିବାର ଅଧିକାରକୁ ସଂକ୍ଷିପ୍ତ କରୁଥାଏ । ବାସ୍ତବରେ, ***ଆସାମ ରାଜ୍ୟ ଏବଂ ଅନ୍ୟଜଣେ ବନାମ ଦକ୍ଷ ପ୍ରସାଦ ଡେକା ଏବଂ ଅନ୍ୟମାନେ***[1] ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ରାୟ ଅନୁଯାୟୀ, ଜଣେ ସରକାରୀ କର୍ମଚାରୀ ସେବା ନଥିରେ ଦାଖଲ କରାଯାଇଥିବା ଜନ୍ମ ତାରିଖକୁ ନେଇ ବିବାଦ କରିପାରିବେ ଏବଂ ଏହାର ସଂଶୋଧନ ପାଇଁ ଆବେଦନ

[1] [1971] 2 SCR 687

କରିପାରିବେ, କିନ୍ତୁ ନଥି ସଂଶୋଧନ ନହେବା ପର୍ଯ୍ୟନ୍ତ ସେ ତାଙ୍କ ଦ୍ୱାରା ଦାବି କରିବା କରାଯାଇଥିବା ଜନ୍ମ ତାରିଖ ଆଧାରରେ ସେବା ଜାରି ରଖିବାକୁ ଦାବି କରିପାରିବେ ନାହିଁ । ବର୍ତ୍ତମାନର ମାମଲାରେ, ଯଦିଓ ଆବେଦନକାରୀ କର୍ତ୍ତୃପକ୍ଷଙ୍କ ନିକଟକୁ ଅନେକ ଥର ଆବେଦନ କରିଛନ୍ତି, ଉକ୍ତ କର୍ତ୍ତୃପକ୍ଷ ଏପରି ଦରଖାସ୍ତକୁ କର୍ଣ୍ଣପାତ କରିନାହାନ୍ତି ।

12. ଆବେଦନ ଗ୍ରହଣ କରିବା ପରେ ବି.ଇ.ଓ. ଏହି ଆଧାରରେ ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିଲେ ଯେ, ଆବେଦନକାରୀ ସେବା ପୁସ୍ତକ ଖୋଲିବାର 5 ବର୍ଷ ମଧ୍ୟରେ କର୍ତ୍ତୃପକ୍ଷଙ୍କ ନିକଟକୁ ଯାଇନାହାନ୍ତି । ପରନ୍ତୁ, ଆବେଦନକାରୀ, ଏହି କିରାଣୀୟ ତ୍ରୁଟିର ସଂଶୋଧନ ପାଇଁ ନିର୍ଦ୍ଧାରିତ ସମୟ ମଧ୍ୟରେ, ତା.10.07.2012ରିଖରେ ବି.ଇ.ଓ., ଭଣ୍ଡାରୀପୋଖରୀଙ୍କ ନିକଟରେ ଏକ ପ୍ରତିନିଧିତ୍ୱ ଦାଖଲ କରିଥିଲେ ।

13. ଏଠାରେ/ସେବା ପୁସ୍ତକରେ, ଜନ୍ମ ତାରିଖ "ତା.10.10.1965ରିଖ" ପରିବର୍ତ୍ତେ "ତା.10.10.1963ରିଖ" ଭାବରେ ଭୁଲ ଦରଜ କରାଯାଇଥିଲା । ତେଣୁ, ପ୍ରତିପକ୍ଷମାନଙ୍କ ଦ୍ୱାରା ସେବା ଅବଧିକୁ ତା.10.10.1965ରିଖ ପରିବର୍ତ୍ତେ ତା.10.10.1963ରିଖରୁ ଗଣନା କରାଯାଇଥିଲା । ଭୁଲ ଦରଜକୁ ଦାୟୀ କରି, ଆବେଦନକାରୀ ଜନ୍ମ ତାରିଖ ସଂଶୋଧନ ପାଇଁ ତା.10.07.2012ରିଖ, ତା.23.07.2013ରିଖ, ତା.17.06.2014ରିଖ, ତା.16.05.2015ରିଖ, ତା.13.07.2016ରିଖ ଏବଂ ତା.08.09.2016ରିଖମାନଙ୍କରେ, ବି.ଇ.ଓ., ଭଣ୍ଡାରିପୋଖରୀଙ୍କୁ ଛଅଟି ଦରଖାସ୍ତ ପଠାଇଥିଲେ । ତେବେ ଆଜି ପର୍ଯ୍ୟନ୍ତ ପ୍ରତିପକ୍ଷମାନଙ୍କ ଦ୍ୱାରା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ।

14. ଆବେଦନକାରୀ ଶିକ୍ଷାଗତ ନଥି ଯେପରିକି ଡି. ଏମ୍. ମଦନ ବାଳିକା ଉଚ୍ଚ ବିଦ୍ୟାଳୟ, ଜାମସେଦପୁର, ବିହାରର ବିଦ୍ୟାଳୟ ଅଭିଲେଖ ବହି, ବିହାର ବିଦ୍ୟାଳୟ ପରୀକ୍ଷା

ସମିତିର ମାଟ୍ରିକ ପ୍ରମାଣପତ୍ର, ଓଡ଼ିଶା ଶିକ୍ଷକ ପ୍ରମାଣପତ୍ର ପରୀକ୍ଷାର ମାର୍କସିଟ୍, ପ୍ୟାନ୍ କାର୍ଡ ଏବଂ ଆଧାର କାର୍ଡ ମଧ୍ୟ ଆବେଦନକାରୀଙ୍କ ସପକ୍ଷରେ ଯୁକ୍ତି ଉପସ୍ଥାପନ କରିଥାଏ ।

15. ତଥ୍ୟ ମୂଳକ ଛାଞ୍ଚର ଦୃଷ୍ଟିକୋଣରୁ, ଏହି ନ୍ୟାୟାଳୟ ଆବେଦନକାରୀ ଦାଖଲକୁ ସ୍ଵୀକାର କରିବାକୁ ଆଗ୍ରହୀ ଅଟନ୍ତି । ସେବା ଆଇନ ଶାସ୍ତ୍ରର ନିୟମଗୁଡିକୁ ଏତେ ହାଲୁକା ଏବଂ ନୈମିତ୍ତିକ ଢଙ୍ଗରେ ନିଆଯାଇପାରିବ ନାହିଁ, ବରଂ ଉପଯୁକ୍ତ ଅନୁପାଳନ ପାଇଁ ଆହ୍ଵାନ କରାଯାଇଥାଏ ।

16. ଉପରୋକ୍ତ ଆଲୋଚନାର ଶୀର୍ଷକରେ ଏବଂ ଆଇନର ବର୍ତ୍ତମାନର ସ୍ଥିତିକୁ ଦୃଷ୍ଟିରେ ରଖି, ଏହି ନ୍ୟାୟାଳୟ ତା.10.10.2023ରିଖରେ ଅବସର ବୟସ ହାସଲ କରିବା ପରେ ଆବେଦନକାରୀଙ୍କ ଚାକିରିରୁ ଅବସର ଗ୍ରହଣ ସମ୍ବନ୍ଧୀୟ ତା.27.12.2022ରିଖର ଆଦେଶକୁ ରଦ୍ଦ କରିବା କରିବାକୁ ଇଚ୍ଛୁକ ଅଟନ୍ତି । ତଦନୁସାରେ,ଆବେଦନକାରୀଙ୍କ ଜନ୍ମ ତାରିଖ ସଂଶୋଧନ ଏବଂ ସେ ଚାକିରି ଜାରି ରଖିବା ପାଇଁ ପଦକ୍ଷେପ ନେବାପାଇଁ ପ୍ରତିପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି ।

17. ତଦନୁସାରେ, ଏହି ରିଟ୍ ଆବେଦନଟିର ପରିସମାପ୍ତି କରାଯାଇଛି ।

*(ଡ. ଏସ୍. କେ. ପାଣିଗ୍ରାହୀ)*
*ନ୍ୟାୟମୂର୍ତ୍ତି*

*ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ,*
*ତାରିଖ 18 ଅକ୍ଟୋବର, 2023 /*

# **ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦକ : - ଭବାନୀ ଶଙ୍କର ନାୟକ**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**